ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୨ ୨**

# ନାରୀ ମନର କଥା, କଥା ଅନେକ...


ଅନୁପମା ଭୂୟାଁ

ଚହଟା ରାମ ମନ୍ଦିର ମହାନଦୀ ତଳଗଡ଼ାରେ କଥା ପଡ଼ିଥିଲା ସାବିତ୍ରୀ ମାଉସୀ ଆଉ ରମା ମାଉସୀ, ସେଠି ବାସନ୍ତୀ, ଟୁଇଁଆ, ରଙ୍ଗ ଆଉ ଫୁଲ ଏମିତି ସବୁ ବସିଥିଲେ । କଥା ପଡ଼ିଲା, ଜାଣିଛ ନା ନୈରାଗୀ ନନା ଘର କଥା । କଥା କ'ଣ କି ଟୁଇଁଆ କହିଲା ନୈରାଗୀ ନନା ଆମ ଅଲାଇ ଗାଁରେ ଭାରି ଲୋକପ୍ରିୟ ଡାକ୍ତର ଥିଲେ । ନୈରାଗୀ ନନାଙ୍କ ବଡ଼ ଝିଅ ହେଉଛି କିନୁ । କିନ୍ତୁ ଘରର ବଡ଼ ଝିଅ, ଜୀବନରେ ଯାହା ଚାହିଁଲେ ଯେମିତି ଚାହିଁଲେ ନୈରାଗୀ ନନା ସବୁ ବୁଝିଲେ । ଆଉ ଝିଅ ଘର ପାଇଁ ସାନ ଭାଇ ଭଉଣୀଙ୍କ ପାଇଁ ସେହି ଗାଁରେ ବି ଘର ସଂସାର କରିଲେ । କଥା କିନ୍ତୁ ସେଠି ଅଟକି ନାହିଁ, ଅଟକିଛି ନୈରାଗୀ ନନାଙ୍କ ଝିଅ କିନୁ କ'ଣ ଜୀବନରେ ଦାୟିତ୍ୱ ନିର୍ବାହ କରିପାରିଲେ । ଜୀବନର କଥା ଏମିତି ଆରମ୍ଭ ହୁଏ ଅନେକଙ୍କ ପରିବାରରେ । ଜୀବନରେ ଉତମ ମାତା ଦାୟିତ୍ୱ ନିର୍ବାହ ପୂର୍ବରୁ ପତିବ୍ରତାର ଶ୍ରେଷ୍ଠତା ସହିତ ସଂସାରର ଦାୟିତ୍ୱ ଭିତରେ ଶାଶୁ ଶ୍ୱଶୁର, ଦିଅର - ନଣନ୍ଦ, ପିଲାମାନଙ୍କର.... ଏମିତି ଦାୟିତ୍ୱ ଥାଏ । କିନ୍ତୁ ନିଜ ପରିବାରର ଭାଇ ଭଉଣୀଙ୍କ ଦାୟିତ୍ୱ ନିର୍ବାହ ସମୟରେ ପତିବ୍ରତାର ଶ୍ରେଷ୍ଠତା ଏପରି ଏକ କଠୋରତାର ରଜ୍ଜୁରେ ବାନ୍ଧିଦିଏ ଯେ ରକ୍ତଜମାନେ ଦିଶନ୍ତି ଯେପରି ଶତ୍ରୁ । ସେମାନଙ୍କୁ ଅପମାନିତ, ଭାଷା, କଥା ଏବଂ ଅଶାଳୀନତାର ଅନେକ କଷ୍ଟ ଭିତରକୁ ସାମ୍ନା କରିବାକୁ ପଡ଼ିଥାଏ । ମାଆଙ୍କ ଭୂମିକା ପିଲାମାନଙ୍କୁ ଗଢ଼ି ତୋଳିବାରେ ମଧ୍ୟ ଅନେକ ରହିଥାଏ । ଉତମ ମାତାର ଦାୟିତ୍ୱ କେବଳ ତାଙ୍କ ପରିବାରର ନୁହଁ ବରଂ ଏ ସମାଜ ପାଇଁ ଅନେକ ଗୁରୁତ୍ୱ ରଖିଥାଏ । ଆଧାତ୍ମିକ ସଂଗଠନର ପଦପଦବୀରେ ରହି ନିଜକୁ ବିଜ୍ଞାପିତ କରିବା ପ୍ରବତି ଭିତରେ ଜୀବନର ଅସଲତା ଭରି ରହୁ । ଯିଏ ତୁମର ଗୁରୁ, ଇଷ୍ଟ, ଭଗବାନ ତାଙ୍କରି ପ୍ରଦତ 'ସତ୍ୟ' ପଥରେ ଅବଲମ୍ବନ କର । ସତ୍ୟ ନାମରେ, ଅସତ୍ୟର ପ୍ରଚାର ଆଦୌ କରନାହିଁ । ଜୀବନର ପ୍ରଥମ ସତ୍ୟ ଭିତରେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ଗୁରୁଙ୍କ ପ୍ରତି ସମର୍ପଣ ଓ ଗୁଣିଆଙ୍କ ପ୍ରତି ସମର୍ପଣ ଆଦୌ ସମ୍ଭବ ନୁହଁ । କୌଣସି ଧର୍ମଶାସ୍ତ୍ରରେ ତଥାକଥିତ ଗୁଣୀ ମାନଙ୍କ ଶରଣାପନ୍ନ ହେବା ନେଇ ଉଲ୍ଲେଖ ରହିନାହିଁ । କିନ୍ତୁ ତନ୍ତ୍ର ପଦ୍ଧତି ସମ୍ପୂର୍ଣ୍ଣ ଭିନ୍ନ । କିନ୍ତୁ ଆମ ଆଲୋଚନା ଭିତରେ ଥିବା ଆଧାତ୍ମିକ ଆଲୋକିତ ପ୍ରଚାରିତ ମାତା ଯଦି ଗୁଣୀ ଶରଣାପନ୍ନ ହୋଇ ଗୁରୁଙ୍କ ସମର୍ପଣର ବିଜ୍ଞାପିତ ପ୍ରଦର୍ଶନ କରନ୍ତି ତାହାହେଲେ କେବଳ ତାଙ୍କ ପରିବାର ନୁହେଁ ସମାଜ ବି କିପରି ଓ କେଉଁ ଶିକ୍ଷା ପାଇବ? ନିଜେ ପତିବ୍ରତା ସମର୍ପଣର ଢ଼ୋଲକୁ ବେଶ ବଜାଇ ପାରିଥିବାରୁ ପତିଙ୍କ ବ୍ୟକ୍ତିଗତତାକୁ ମଧ୍ୟ ସତର୍କ ନିୟନ୍ତ୍ରଣ ଯେ ଘାତକ ଏହା ସେ ବୁଝି ପାରନ୍ତି ନାହିଁ । ଅନେକ ପରିବାରରେ ଏହିପରି ସତ୍ୟନିଷ୍ଠ ମାର୍ମିକ କୋହ ଭରି ରହିଥିଲେ ମଧ୍ୟ ତାହା ଦୁନିଆର ବାହାର ପରିଧିକୁ ଆସିପାରି ନଥାଏ । ପରିବାର ଭିତରେ ଗୋଟିଏ ସଂସାର ଭିତରେ ଜଣେ ଯଦି ଅନ୍ୟ ମାନଙ୍କ ପ୍ରତି ଅଗ୍ରହଣୀୟ, ଅସମ୍ମାନନୀୟ, ଅପ୍ରିୟ ମଧ୍ୟ ଭାବନ୍ତି । ତାହାହେଲେ ପରିବାର ପୁଷ୍କର ଗୋଟିଏ କଢ଼ ଯାହା ଖସିଯାଏ ତଳକୁ । ଦୁନିଆ କିନ୍ତୁ ଏପରି ବିଷାଦମୟ ସଂସାର ଭିତରେ ଆନନ୍ଦର, ଉଲ୍ଲାସର କ୍ଷେତ୍ର ବି ତିଆରି ହୋଇଥାଏ । କିଏ ବଡ଼ଲୋକ ହୋଇପାରନ୍ତି, କିଏ ଆର୍ଥିକ ଭାବରେ ଆଧିପତ୍ୟ ଦେଖାଇ ନପାରନ୍ତି କିନ୍ତୁ ଭିକାରୀ ତ ହୋଇନଥାନ୍ତି । ତଥାକଥିତ ଔକାତ୍ ଲେସ ଶବ୍ଦ ଯିଏ ବି ଉଚ୍ଚାରଣ ସୃଷ୍ଟି କରନ୍ତି ସିଏ ଯେ ନିଜେ ସେହି ଔକାତ୍‌ଲେସର ସୃଷ୍ଟି ବୋଧେ ବୁଝି ପାରନ୍ତି ନାହିଁ । ଏ ଦୁନିଆରେ ସମସ୍ତଙ୍କର ଔକାତ୍ ସ୍ୱତନ୍ତ୍ର, ଅନନ୍ୟ ଆଉ ଏକ ଖାଂଟି ପରିଚୟ ମଧ୍ୟ ତିଆରି କରିଥାଏ । ନିଜ ଜୀବନକୁ ସୋସିଆଲ ମିଡ଼ିଆରେ ଯେପରି ଅର୍ଥପୂର୍ଣ୍ଣ ଭାବେ ସତ୍ୟ ଉପସ୍ଥାପିତ କରିଛ ବ୍ୟକ୍ତିଗତ ଜୀବନରେ ତାହା ହିଁ ପାଳନ କର । ଅନ୍ତତଃ ନିଜ ରକ୍ତଜମାନଙ୍କୁ, ନିଜ ପିଲାମାନଙ୍କୁ ଭଲ ବାଟରେ ଯିବାର ଅସଲ ବାଟ ଦେଖାଅ । ନିଜେ ସତ୍ୟବାଦୀ ହୁଅ, ଅନ୍ୟ ମାନଙ୍କ ପାଇଁ ସତ୍ୟର ପ୍ରତୀକ ସାଜ, ଜୀବନକୁ ନିଜେ ଆନନ୍ଦମୟ ସପରିବାର କରିବା ସହ ଅନ୍ୟ ପରିବାର ପାଇଁ ଆନନ୍ଦର କାରକ ସାଜ । ଏହା ହେଉ ଜୀବନ ଧର୍ମ ।

*E-mail : anupama123bhuyan@gmail.com*

# ପ୍ଲାଷ୍ଟିକ ଏବେ ଅଭିଶାପ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏହା ନିସନ୍ଦେହ ଯେ, ଏକଦା ମାନବ ସମାଜ ପାଇଁ ବରଦାନ ପ୍ଲାଷ୍ଟିକ ଏବେ ଅଭିଶାପ ପାଲଟିଛି । ପ୍ଲାଷ୍ଟିକ ପ୍ରଦୁଷଣ ଏବେ ସମଗ୍ର ବିଶ୍ୱପାଇଁ ଚିନ୍ତାର କାରଣ ହୋଇଛି । ଉଭୟ ଜଳ, ସ୍ଥଳ ଓ ଆକାଶକୁ ପ୍ଲାଷ୍ଟିକ ପ୍ରଦୁଷଣ ଆଚ୍ଛାଦିତ କରିସାରିଲାଣି ଯେ, ଯାହାର ପ୍ରଭାବରେ କେବଳ ପରିବେଶ ବିଗିଡି ନାହିଁ, ମାନବ ସମାଜ ତଥା ଜୀବଜଗତ ପାଇଁ ଘାତକ ଭାବେ ଉଭା ହୋଇଛି । ପ୍ଲାଷ୍ଟିକ ପ୍ରଦୁଷଣକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ ଜେନିଭାଠାରେ ଜାତିସଂଘ ପରିବେଶ ପ୍ରୋଗ୍ରାମ (ୟୁଏନଇପି) ପକ୍ଷରୁ ଅନୁଷ୍ଠିତ ୧୮୪ଟି ରାଷ୍ଟ୍ରଙ୍କ ମିଳିତ ବୈଠକରେ କୌଣସି ସହମତ ହୋଇପାରିନାହିଁ । କହିବା ବାହୁଲ୍ୟ ଯେ, ପ୍ଲାଷ୍ଟିକ ପ୍ରଦୁଷଣ ଉପରେ ଏହା ପ୍ରଥମ ବୈଠକ ନୁହେଁ । ୨୦୨୨ ମସିହାଠାରୁ ବର୍ତମାନ ମଧ୍ୟରେ ଏହ ହେଉଛି ୬ଷ୍ଠ ବୈଠକ । ଏହା ନିସନ୍ଦେହ ଯେ, ପ୍ଲାଷ୍ଟିକ ପ୍ରଦୁଷଣ ନେଇ ସମଗ୍ର ବିଶ୍ୱ ଚିନ୍ତିତ, ଏହା ହିଁ ବାରମ୍ବାର ବୈଠକ ସମ୍ମିଳନୀ ପ୍ରମାଣିତ କରେ । ପ୍ଲାଷ୍ଟିକ ପ୍ରଦୁଷଣ ନିୟନ୍ତ୍ରଣ ବା ନିଷିଦ୍ଧ ନେଇ ବିଶ୍ୱ ଏବେ ଦୁଇ ଭାଗ । ବଡ ବଡ ଉତ୍ପାଦନକାରୀ ରାଷ୍ଟ୍ର ଜୀବନଜୀବିକା, ରାଜସ୍ୱ ହରାଇବା ଆଶଙ୍କାରେ ଏହାକୁ ବିରୋଧ କରୁଥିବା ବେଳେ ସମଗ୍ର ବିଶ୍ୱରେ କ୍ୟାରୀ ବ୍ୟାଗ ଠାରୁ ଆରମ୍ଭ କରି ଘରକରଣା, ଯାନବାହାନ ଆଦି ନିର୍ମାଣ କ୍ଷେତ୍ରରେ ଏହାର ବ୍ୟବହାର ଏତେ ମାତ୍ରାରେ ବଢିଯାଇଛି ଯେ, ଏହାକୁ ନିଷିଦ୍ଧ କରିବାକୁ ସାହାସ ଜୁଟାଇ ପାରୁନଥିବା କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, ବାର୍ଷିକ ୪୩୬ ମିଲିଅନ ଟନ ପ୍ଲାଷ୍ଟିକ ଉତ୍ପାଦିତ ହେଉଛି । ସେଥିରୁ ୫.୭ କୋଟି ଟନ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି । ଏହି ଉତ୍ପାଦିତ ପ୍ଲାଷ୍ଟିକ ମଧ୍ୟରୁ ଅଧାରୁ ଅଧିକରୁ ଏକକ ବ୍ୟବହାର ସାମଗ୍ରୀ ତିଆରି ହୋଇଥାଏ । ପରିଣାମସ୍ୱରୁପ ସମୁଦ୍ରରେ ବାର୍ଷିକ କୋଟି କୋଟି ସାମୁଦ୍ରିକ ପକ୍ଷୀ ଏବଂ କୋଟି କୋଟି ସାମୁଦ୍ରିକ ସ୍ତନ୍ୟପାୟୀ ପ୍ରାଣୀଙ୍କ ମୃତ୍ୟୁ ଘଟିଥାଏ । କୁହାଯାଇଛି ଯେ, ବ୍ରହ୍ମାଣ୍ଡରେ ଯେତିକି ଗ୍ରହ, ନକ୍ଷତ୍ର, ତାରାପୁଞ୍ଜ ଅଛନ୍ତି, ତା ଠାରୁ ୫୦ଗୁଣ ଅଧିକ ପ୍ଲାଷ୍ଟିକ ଏବେ ସମୁଦ୍ର ନଦୀ, ନାଳରେ ପଡି ରହିଛି । ଆମ ଦେଶରେ ବାର୍ଷିକ ଯେତିକି ପ୍ଲାଷ୍ଟିକ ଉତ୍ପାଦିତ ହେଉଛି, ସେଥିରୁ କେବଳ ୩.୪ ମିଲିଅନ ଟନ ବର୍ଜ୍ୟ ବାହାରୁଛି । ଏଥିମଧ୍ୟରୁ ପ୍ରାୟ ୩୦ପ୍ରତିଶତ ରିସାଇକ୍ଲେଲିଂ ହେଉଥିବାବେଳେ ଅବଶିଷ୍ଟ ମାଟି ଓ ଜଳରେ ମିଶୁଛି । ଉଲ୍ଲେଖଯୋଗ୍ୟ ଯେ, ସରକାରୀ କଟକଣା ସତ୍ୱେ ଦେଶରେ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ଏକ ରିପୋର୍ଟରୁ ଜଣାଯାଇଛି ଯେ, ୨୦୧୬-୧୭ରେ ଦେଶରେ ୧୪ମିଲିଅନ ଟନ ପ୍ଲାଷ୍ଟିକ ବ୍ୟବହୃତ ହୋଇଥିବାବେଳେ ୨୦୧୯-୨୦ରେ ତାହା ୨୦ମିଲିଅନ ଟନକୁ ବୃଦ୍ଧି ପାଇଥିଲା । ଅର୍ଥାତ ମାତ୍ର ୩ବର୍ଷ ମଧ୍ୟରେ ୯.୭ ପ୍ରତିଶତ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ପାଇଛି । ସୂଚିତ କରାଯାଇପାରେ ଯେ, ୨୦୧୯ରେ ପ୍ଲାଷ୍ଟିକ ଯୋଗୁଁ ୧୮ ବିଲିଅନ ଟନ ସବୁଜ ଗୃହ ଗ୍ୟାସ ଉତ୍ପାଦିତ ହୋଇଥିଲା । କହିବା ବାହୁଲ୍ୟ ଯେ, ପ୍ଲାଷ୍ଟିକ ତଥା ପଲିଥିନ ବ୍ୟାଗ ନିଷିଦ୍ଧ ପାଇଁ ସ୍ୱତନ୍ତ୍ର ଆଇନ ରହିଛି । ବାରମ୍ବାର ଚଢାଉ ହେଉଛି । କିନ୍ତୁ ବ୍ୟବହାର କମୁନାହିଁ । ଏହା ସତ୍ୟ ଯେ, ଉତ୍ପାଦନ ନକମିଲେ ଏହା ବ୍ୟବହାର କମିବ ନାହିଁ । ପ୍ଲାଷ୍ଟିକ ଉତ୍ପାଦନକାରୀ ଶିଳ୍ପଗୁଡିକ କୋଟି କୋଟି ଲୋକଙ୍କୁ ନିଯୁକ୍ତି ଦେଇଥିବାବେଳେ ଏହାର ଲୋକପ୍ରିୟତା ବଢୁଥିବାରୁ ଉତ୍ପାଦନ ନିଷିଦ୍ଧ ଆଦୌ ସମ୍ଭବ ନୁହେଁ । କିନ୍ତୁ ଏହା ନିଶ୍ଚିତ ଯେ, ପ୍ଲାଷ୍ଟିକର ଅପକାରିତା ବା ବିପଦ ସମ୍ପର୍କରେ ସରକାର, ଜନସାଧାରଣ ସଚେତନ ନହେଲେ ଭବିଷ୍ୟତରେ ଏହା କେବଳ ମାନବ ସମାଜ ନୁହେଁ, ସମଗ୍ର ପ୍ରାଣୀ ଜଗତ ପାଇଁ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ବିଘ୍ନ ନାଶକ


ଅନୀତା ପଟ୍ଟନାୟକ

ଭାରତୀୟମାନେ ସେମାନଙ୍କ ସଂସ୍କୃତି ସହିତ ଜଡ଼ିତ ଦୁଇଟି ପ୍ରସ୍ତରକୁ ଗୁରୁତ୍ୱ ଦେଇଥାନ୍ତି । ତାହା ହେଉଛି ହିମାଳୟର ଏଭରେଷ୍ଟ ଶୃଙ୍ଗ ଓ କନ୍ୟାକୁମାରୀ ଠାରେ ଥିବା ପ୍ରସ୍ତର ଯେଉଁଠାରେ ବିବେକାନନ୍ଦ ଧ୍ୟାନସ୍ଥ ହୋଇଥିଲେ । ଏହି ଦୁଇଟି ପ୍ରସ୍ତର ମଧ୍ୟରେ ଥିବା ଭାରତ ଦେଶର ସଂସ୍କୃତି ସହିତ ଜଡ଼ିତ ଥିବା ବ୍ୟକ୍ତିମାନେ ବିନାୟକ ଚତୁର୍ଥୀ ପାଳନ କରିଥାନ୍ତି । ବିନାୟକ, ଗଣପତି, ବିଘ୍ନେଶ୍ୱର ଏସବୁ ଗଣେଶଙ୍କୁ ବୁଝାଏ । ବାଳବୃଦ୍ଧ ସମସ୍ତଙ୍କ ନିକଟରେ ଗଣେଶ ଜଣେ ଲୋକପ୍ରିୟ ଦେବତା । ଉତ୍ସବ ସଂସ୍କାର, ଯଜ୍ଞ, ବ୍ରତ, ଯୋଗ, ଉପବାସ, ତୀର୍ଥଯାତ୍ରା ଏସବୁ ଆରମ୍ଭ କରିବା ପୂର୍ବରୁ ଗଜାନନଙ୍କୁ ପ୍ରଥମ ଦେବତା ଭାବେ ପୂଜା କରାଯାଏ । ତାଙ୍କର ନାମ ଗଣପତି କାରଣ ସେ ଗଣ ବା ଦେବଶକ୍ତି ମାନଙ୍କର ପ୍ରଭୁ । ସେ ପ୍ରସନ୍ନ ହେଲେ ସମସ୍ତ ବିଘ୍ନକୁ ଦମନ କରିଥାନ୍ତି । ଗଣପତି ବିଦ୍ୟା ଓ ବୁଦ୍ଧିର ଦେବତା ହୋଇଥିବାରୁ ସେ ଆମର ବାଧାବିଘ୍ନ ଗୁଡ଼ିକୁ ସ୍ୱାଭାବିକ ଭାବେ ଏଡ଼ାଇ ଦେଇ ପାରିଥାନ୍ତି । ଗଣପତି ବା ଗଣେଶ ଏପରି ଏକ ଦେବତା ଯାହାଙ୍କୁ କି ତନ୍ତ୍ର ଓ ବିଭିନ୍ନ ବୈଦିକ ମନ୍ତ୍ରରେ ସମ୍ମାନିତ କରାଯାଇଛି । ହାତୀ ମଣିଷ ପରି ଏକ ସ୍ତନ୍ୟପାୟୀ ପ୍ରାଣୀ ମଧ୍ୟରୁ ଜଣେ ଓ ସେ ଅତ୍ୟନ୍ତ ବୁଦ୍ଧିମାନ । ସେ ନିଜର ସାତ୍ୱିକ ଭାବକୁ ସୂଚୀତ କରେ କାରଣ ହାତୀ ଏକ ନିରାମିଷ ପ୍ରାଣୀ । ଗଣପତିଙ୍କର ହାତୀମୁଣ୍ଡ ଅଛି ଏହା ବୁଦ୍ଧିକୁ ସୂଚୀତ କରେ ତାଙ୍କର ଅନ୍ୟନାମ ସୂପକର୍ଣ୍ଣ ଯାହାଙ୍କର କୁଲାପରି କାନ ଅଛି । କୁଲାର କାମ ଯେପରି ଅନାବଶ୍ୟକ ପଦାର୍ଥକୁ ପାଛୁଡ଼ି ଆବଶ୍ୟକ ପଦାର୍ଥକୁ ନିଜ ଭିତରେ ରଖିବା ସେହିଭଳି ତାଙ୍କୁ ପ୍ରାର୍ଥନା କଲେ ସେ ବୈଷୟିକ ଓ ଆଧାତ୍ମିକ ପ୍ରତିବନ୍ଧକ ଗୁଡ଼ିକୁ ବାହାର କରି ଦେବାରେ ସାହାଯ୍ୟ କରିଥାନ୍ତି । ଗଣେଶଙ୍କର ଦୁଇଟି ଲୋକପ୍ରିୟ ଶ୍ଳୋକ ଅଛି ଯଥା - 'ଶୁକ୍ଲାମ୍ବରଧରଂ ବିଷ୍ଣୁଂ ଶଶୀବର୍ଣ୍ଣଂ ଚତୁର୍ଭୁଜମ, ପ୍ରସନ୍ନ ବଦନଂ ଧ୍ୟାୟେତ୍ ସର୍ବବିଘ୍ନ ପ୍ରଶାନ୍ତୟେ ।' ଏହାର ଅର୍ଥ ଶୁକ୍ଲାମ୍ବର ଧରଂ - ଶୁଦ୍ଧତାର ପ୍ରତୀକ ଅମ୍ବର - ଆକାଶ ବା ହୃଦୟ ଆକାଶ (ଗଣପତି ବିଶ୍ୱପ୍ରେମ, କରୁଣା ଓ ଶୁଦ୍ଧତାର ପ୍ରତୀକ) । ବିଷ୍ଣୁଂ - ଯେ ସଦା ସର୍ବଦା ବିଦ୍ୟମାନ, ଶଶୀବର୍ଣ୍ଣଂ - ପାଉଁଶ ବା ବିଭୂତି ରଙ୍ଗ (ଆଧାତ୍ମିକ ଦୀପ୍ତି, ଆଧାତ୍ମିକ ଉପଲବ୍ଧି, ପ୍ରାପ୍ତି ଓ ଶକ୍ତିର ମହିମାରେ ଉଜ୍ଜ୍ୱଳ) । ତେଣୁ ଗୀତାରେ କୃଷ୍ଣ କହିଛନ୍ତି ଯେଉଁଠାରେ ତୁମେ ଶକ୍ତି, କୀର୍ତି ଓ ବିଭୂତି ଦେଖ ତାହା ତୁମେ 'ମୁଁ' ବୋଲି ଜାଣିନିଅ । ଦ୍ୱିତୀୟ ଲୋକପ୍ରିୟ ଶ୍ଳୋକଟି ହେଉଛି - 'ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ, ନିର୍ବିଘ୍ନଂ କୁରୁମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।' ଏହା ଏତେ ସରଳ ଯେ ପ୍ରତ୍ୟେକ ବ୍ୟକ୍ତି ଏହାର ଅର୍ଥ ଜାଣିଛନ୍ତି । କିନ୍ତୁ ଏହି ଶ୍ଳୋକ ଭିତରେ ଥିବା ମୂଲ୍ୟବୋଧଟି ହେଲା ଗଣେଶଙ୍କ ଶରୀରରୁ କୋଟିଏ ସୂର୍ଯ୍ୟର ଆଭା ପ୍ରତୀୟମାନ ହୋଇଥାଏ । ହେରମ୍ବ, ଲମ୍ବୋଦର ଶିବ ଓ ପାର୍ବତୀଙ୍କର ସନ୍ତାନ । ଯଦି ସନ୍ତାନ ନିକଟରେ କୋଟିଏ ସୂର୍ଯ୍ୟର ଆଭା ପ୍ରତୀୟମାନ ତେବେ ତାଙ୍କର ପିତା ଭଗବାନଙ୍କ ନିକଟରେ କେତେ ସୂର୍ଯ୍ୟର ଆଭା ଥିବ? ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ସାରିବା ପରେ ପୃଥିବୀକୁ ଚାହିଁଲେ ଅନ୍ଧକାର ଦେଖାଯାଇଥାଏ । କାମନା ବାସନା ଓ ଆବିଳତାରେ ପୂର୍ଣ୍ଣ ମାୟାବନ୍ଧନରୁ ମୁକ୍ତି ପାଇବାକୁ ହେଲେ ଭଗବାନଙ୍କୁ ଚାହିଁବା ଦରକାର । ଏଠାରେ ମଧ୍ୟ କଥା ସରିନାହିଁ ଆମ ଶରୀରର ମଧ୍ୟରେ କିଏ କହୁଅଛି କୋଟି ସୂର୍ଯ୍ୟରୂପକ ଭଗବାନଙ୍କୁ ଅନାଇଲେ ପୃଥିବୀ ଅନ୍ଧକାର ଦେଖାଯାଏ ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଆମ ଭିତରେ ଥିବା ଆତ୍ମଶକ୍ତି । ତେଣୁ ଗଣେଶ ଚତୁର୍ଥୀରେ ଆମ ଭିତରେ ଥିବା ଆତ୍ମଶକ୍ତିକୁ ଚିହ୍ନିବା ନିହାତି ଆବଶ୍ୟକ ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଡଙ୍ଗରିଆ କନ୍ଧ


ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଡଙ୍ଗରିଆ ହେଲା କନ୍ଧଗୋଷ୍ଠୀର ଏକ ଉପଗୋଷ୍ଠୀ । ଏମାନେ ସାଧାରଣତଃ ଡଙ୍ଗରରେ ରହୁଥିବାରୁ ଏମାନଙ୍କୁ ଡଙ୍ଗରିଆ କନ୍ଧ କୁହାଯାଏ । ଏମାନେ ସମସ୍ତେ ନିୟମଗିରି ପର୍ବତମାଳାର ୧୪୦ଟି ଗ୍ରାମରେ ଅବସ୍ଥାନ କରନ୍ତି । ନିୟମଗିରି ରାୟଗଡ଼ ଓ ଗୁଣୁପୁର ସବ୍‌ଡିଭିଜନ ମଝିରେ ଅବସ୍ଥିତ । ଏମାନେ ବଣଜଙ୍ଗଲରେ ବାସ କରୁଥିବାରୁ ଏମାନଙ୍କ ଘରଦ୍ୱାର ଗଠନ ପ୍ରଣାଳୀ ଅଲଗା ଧରଣର । ଏମାନଙ୍କର ଅନୁଚ୍ଚ ଘର ଗୁଡ଼ିକ ଡ଼ାବୁ ଛଣରେ ଛପର ହୋଇ ଦାଣ୍ଡ ଓ ବାରିପଟକୁ ଖୁବ୍ ଲମ୍ବ ଭାବରେ ଚଢ଼ି ଯାଉଥାଏ । ଘରର କାନ୍ଥଗୁଡ଼ିକ ନାଲି ଓ ଧଳା ରଂଗ ମାଟିରେ ଲିପାଯାଇ ବିଭିନ୍ନ ପ୍ରକାର ଝୋଟି ଓ ଚିତ୍ର ଅଙ୍କନ ହୋଇଥାଏ । ଏହି ଚିତ୍ରମାନଙ୍କରେ ପୁରି ରହିଛି ଅକଳ୍ପନୀୟ କଳାନୁରାଗ । ଘରକୁ ଘର ଏପରି ଲାଗି ରହିଥାଏ ଦେଖିଲେ ମନେ ହୁଏ ସମସ୍ତେ ଯେପରି ଗୋଟିଏ ଛାତ୍ ତଳେ ଏକାଠି ରହିଛନ୍ତି । ଗାଁଟି ବଡ଼ ବା ଛୋଟ ହୋଇପାରେ କିନ୍ତୁ ଘରଗୁଡ଼ିକ ଦୁଇଟି ଧାଡ଼ିରେ ସଜେଇ ହୋଇ ରହିଥାଏ ।

ଡଙ୍ଗରିଆ କନ୍ଧମାନେ ସେମାନଙ୍କ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇଥାନ୍ତି । ପୁରୁଷମାନେ ସାଧାରଣତଃ ଗୋଟିଏ ଛଅ ଫୁଟିଆ ଗାମୁଛା ବସ୍ତ୍ର ଭାବରେ ପରିଧାନ କରିଥାନ୍ତି । ଶୀତ ଦିନେ ଚଦରରେ ଘୋଡ଼ି ହୁଅନ୍ତି ନଚେତ୍ ସାରା ଦେହଟା ପୁଙ୍ଗୁଳା ରହିଥାଏ । ସ୍ତ୍ରୀମାନେ ଦୁଇଟି ରଂଗଧଡ଼ିଆ ତଉଲିଆକୁ ବସ୍ତ୍ର ଭାବରେ ବ୍ୟବହାର କରିଥାନ୍ତି । ଗୋଟିଏ ପିନ୍ଧିଥାନ୍ତି ଓ ଅନ୍ୟଟି ବେକରେ ଗୁଡ଼େଇଥାନ୍ତି, ଲୁଗାର ଧଡ଼ିରେ ସ୍ତ୍ରୀ ଲୋକମାନେ ସୁନ୍ଦର କାରୁକାର୍ଯ୍ୟଭରା ହାତକାମ ଚିତ୍ର କରିଥାନ୍ତି । ଏହାକୁ କୁଡୁ କୁହାଯାଏ । ସ୍ତ୍ରୀ ପୁରୁଷମାନେ ମୁଣ୍ଡରେ ବାଳ ବଢ଼େଇ ସୁନ୍ଦର ପାନିଆଁ ଖଚିତ ଜୁଡ଼ା ତିଆରି କରିଥାନ୍ତି । ଏମାନଙ୍କର ଗହଣା ବ୍ୟବହାରରେ ଖୁବ୍ ରୁଚିଥାଏ । ସ୍ତ୍ରୀମାନେ ବେକରେ ରୁପା ଟଙ୍କାର ମାଳ, ରୁପା ଖଡ଼ୁ, କାନ ଓ ନାକରେ ସୁନା ଓ ରୁପାର ବାଙ୍କି ବ୍ୟବହାର କରିଥାନ୍ତି । ସ୍ତ୍ରୀମାନେ ଶରୀର ବିଭିନ୍ନ ଅଂଶରେ ସୁନ୍ଦର ଭାବେ ଚିତାକୁଟି ନିଜର ସୌନ୍ଦର୍ଯ୍ୟ ବଢ଼ାଇଥାନ୍ତି । ଅନ୍ୟାନ୍ୟ ଆଦିବାସୀଙ୍କ ଭଳି ଡଙ୍ଗରିଆ ମାମୁଁର ଝିଅ ବା ଭଉଣୀର ଝିଅକୁ ବିବାହ କରେ ନାହିଁ । ତେଣୁ ଡଙ୍ଗରିଆ ସମାଜରେ କନ୍ୟା ପାଇବା ଭାରୀ କଷ୍ଟ । କେଉଁ ଗାଁରେ ବିବାହଯୋଗ୍ୟା କନ୍ୟା ଅଛନ୍ତି ଖବର ପାଇଲେ ବର ଗାଁର ମାଇପେ ସାଥିରେ ମଦ କଳସୀକୁ ଧରି କନ୍ୟା ଗ୍ରାମରେ ପହଂଚି ଯାଆନ୍ତି । ସଂଧ୍ୟାରେ ପହଂଚି କନ୍ୟାଘର ଚାରିପଟେ ଯାଇ ଘରକୁ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । ମାତ୍ର କନ୍ୟା ଘର ପକ୍ଷରୁ ପ୍ରବଳ ବିରୋଧ କରାଯାଏ ଓ ଅଶ୍ଳୀଳ ଭାଷାରେ ଗାଳି ବର୍ଷଣ ହୁଏ । ସେମାନେ ଖାଲିଯିବା ଲୋକମାନଙ୍କୁ ଯେ ଗାଳି କରନ୍ତି, ତାହା ତୁମେ ସେମାନଙ୍କ ବଂଶ ଓ ଗାଁ ଲୋକଙ୍କୁ ମଧ୍ୟ ଗାଳି ଦିଅନ୍ତି । କିନ୍ତୁ ବରପକ୍ଷ ସବୁ ଶୁଣି ଚୁପ୍ ରହିବାକୁ ବାଧ ହୁଅନ୍ତି । ଏହାତ କିଛି ନୂଆ କଥା ନୁହେଁ ଯୁଗ ଯୁଗ ଧରି ଏ ପ୍ରଥା ଚାଲି ଆସିଛି । ଖାଲି ଗାଳି ନୁହେଁ ସେମାନଙ୍କୁ ପିଇବା ପାଇଁ ପେଜ ମଧ୍ୟ ଦିଅନ୍ତି ନାହିଁ । ଏହା ପରେ ବର ଓ ତା'ର ସାଥୀମାନେ ଯାଆନ୍ତି । ବରକୁ ଛାଡ଼ି ସାଥୀମାନେ ଫେରିଆସନ୍ତି, ବିଚରା ବର ବହୁ ଅପମାନ ଅସମ୍ମାନ ପାଇ କନ୍ୟାଘରେ ଗୋଡି ଖଟେ ଓ କିଛି ବର୍ଷ ପରେ ବରପିତା କନ୍ୟାସୁନା ଦେଇ ବିବାହ ଦିନ ଠିକ୍ କରେ । କନ୍ୟା ନେବାର ଆଠ ଦିନ ପୂର୍ବରୁ ଖବର ଦେଇ ବର ଗ୍ରାମର ସମସ୍ତେ କନ୍ୟା ଗ୍ରାମକୁ ଯାଆନ୍ତି । କନ୍ୟାପିତା ସେମାନଙ୍କୁ ଅଭ୍ୟର୍ଥନା କରି ଭୋଜି ଦିଅନ୍ତି । କନ୍ୟାର ପିତାମାତା ସାଙ୍ଗସାଥୀ କନ୍ୟା ବିଦାୟ ବେଳେ ସ୍ୱର ଦେଇ ଯେଉଁ କାନ୍ଦଣା ଗାଆନ୍ତି ତା ଅତି ହୃଦୟସ୍ପର୍ଶୀ ଝିଅ ବିଦାୟ ଦୁଃଖରେ ଡଙ୍ଗରିଆ ଗୀତ ଗାଏ ।

ଝିଅକୁ ବଳେଇ ଦେବାକୁ ଯାଇ ବର ଗାଁରେ ପହଂଚିଲା ପରେ ଝିଅ ଗାଁର ଲୋକେ କହନ୍ତି ଆମ ଝିଅ ପରି ଝିଅ ନାହିଁ । ବର ପକ୍ଷର ଝିଅମାନେ ମଧ୍ୟ ନିଜ ନିଜ ଗାଁର ଟେକ ରଖି ଉତର ଦିଅନ୍ତି । ବାହାଘରରେ ନାଚ କରିବା ଡଙ୍ଗରିଆ ସମାଜରେ ଦେଖାଯାଏ ନାହିଁ । ଯାହା ପାଖରେ କନ୍ୟାକୁ ସୁନା ଦେବାର ସମ୍ବଳ ନଥାଏ ସେ ଶ୍ୱଶୁର ଘରେ ଦୁଇ ଚାରି ବର୍ଷ ଗୋତି ଖଟି ଡଙ୍ଗର ଓ ଅନ୍ୟାନ୍ୟ କାମ କରେ ଓ ସର୍ତ ପୁରିଲେ ଝିଅକୁ ନେଇ ନିଜ ଘରକୁ ଫେରେ । ଅନେକ କ୍ଷେତ୍ରରେ ସୁବିଧା ଦେଖି ବର ପକ୍ଷର ଟୋକାମାନେ ଝିଅକୁ ଡଙ୍ଗର ବା ନାଳ କିମ୍ବା ହାଟରୁ ଟାଣି ନିଅନ୍ତି ଓ କନ୍ୟା ପିତାକୁ ଖବର ଦିଅନ୍ତି । ଆମେ ତମ ଝିଅକୁ ଟାଇ ନେଇଛୁ । କନ୍ୟା ସୁନା ନେବାକୁ ତୁମ ସାଥିମାନଙ୍କ ସହିତ ଆସିଲେ ପଂଚାୟତ ବସିବ । ସମସ୍ତ ପ୍ରକାର ବାହାଘର ପାଇଁ ବରକନ୍ୟାର ମିଳନ ଲଗ୍ନ 'ବେଜୁଣି' ଠିକ୍ କରିଥାଏ । ବାହାଘର ଯେବେ ହେଉନା କାହିଁକି ଝିଅ ରଜସ୍ୱଳା ହେବା ପରେ ପରେ ତାକୁ ପରିବାରର ଅନ୍ୟ ଲୋକମାନଙ୍କ ସହ ଶୋଇବାକୁ ଦିଆଯାଏ ନାହିଁ । ଘରବାଡ଼ିରେ ଗୋଟିଏ ଛୋଟିଆ କୁଡ଼ିଆ ତିଆରି କରାଯାଏ ଓ ଝିଅ ସେଠାର ରହେ । ତାହାକୁ "ଧାଙ୍ଗିଡ଼ୀ" କୁଡ଼ିଆ ବୋଲି କୁହାଯାଏ ।

ଡଙ୍ଗରିଆ ଘରେ ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ପରିବାରର ସମସ୍ତଙ୍କୁ କେତେକ ନିୟମ ପାଳିବାକୁ ହୁଏ । ଏହାକୁ କହନ୍ତି 'ଦୋଷପାଳିବା' । ପରିବାରର ସମସ୍ତେ ସଙ୍ଗେ ସଙ୍ଗେ ସ୍ନାନ କରିବେ, ସାରା ଦିନ ଡଙ୍ଗରକୁ ଯାଇ କୌଣସି କାମ କରିବେ ନାହିଁ । ଛୁଆ ଜନ୍ମ ହେବା ସଙ୍ଗେ ସଙ୍ଗେ ମା' ନିଜ ପାଖରେ ରଖିଥିବା ଛୋଟ ଛୁରୀ ସାହାଯ୍ୟରେ ଛୁଆର ନାହି କାଟେ ଓ ଘରେ ନ ରହି ତା' ପାଇଁ ପୂର୍ବରୁ ନିର୍ମିତ ହୋଇଥିବା ଛୋଟକୁଡ଼ିଆରେ ରହେ । ଦୀର୍ଘ ଏକ ମାସ ପାଇଁ ସେ ଅଛୁଆଁ ହୋଇ ରହେ । ମାସ ପୁରିଗଲେ ବେଜୁଣି ଆସି ମା'କୁ ଶୁଦ୍ଧ ସ୍ନାନ କରାଏ ଓ ଛୁଆ ସହ ମା' ଘରକୁ ଫେରେ । ମା'ର ଘର ବାହୁଡ଼ା ଉପଲକ୍ଷେ କୁକୁଡ଼ା କାଟି ପୂଜା ଦିଆଯାଏ । ବେଜୁଣି ଚାଉଳ ଧରି ମନ୍ତ୍ର ପଢ଼େ । ମନ୍ତ୍ର ପଢୁ ପଢୁ ତା' ଦେହରେ ଦେବତା ପ୍ରବେଶ କରନ୍ତି । ଯାହାର ପ୍ରଭାବରେ ବେଜୁଣି ନବଜାତକ ଦେହରେ କାହାର ଆତ୍ମା ପ୍ରବେଶ କରିଛି କହେ ଓ ସେହି ମୃତ ବ୍ୟକ୍ତିର ନାମରେ ନବଜନ୍ମିତ ପିଲାର ନାମକରଣ କରାଯାଏ ।

ମଣ୍ଡଳ:- ଡଙ୍ଗରିଆ ସମାଜର ପ୍ରଧାନ ବ୍ୟକ୍ତି । ତାହାର ନିର୍ଦ୍ଦେଶରେ ଗ୍ରାମରେ ଶାସନ ଚାଲେ । କିନ୍ତୁ ଗ୍ରାମର ଆପଦ ବିପଦ ପୂଜା ପର୍ବରେ 'ଜାନି'ର କଥା ମାନି ସମସ୍ତେ ଚଳନ୍ତି । ଜାନି ପୂଜା କରି ଦେବତାର ପରାମର୍ଶ ନେଇ କେଉଁ ଦିନ ବିହନ ବୁଣାହେବ, ଫସଲ ଅମଳ ହେବ, ମେରିଆ ବଳି ପଡ଼ିବ ଓ ବାଟପୂଜା ହେବ ସେ ବିଷୟରେ କହେ । ଉତରାଧୀକାରୀ ସୂତ୍ରରେ ମଣ୍ଡଳ ଓ ଜାନି ବଂଶର ପୁଅମାନେ ଏହି ସମ୍ମାନ ପାଇ ଥାଆନ୍ତି । ଡଙ୍ଗରିଆ ଧରିତ୍ରୀ ଓ ଧର୍ମ ଦେବତାଙ୍କୁ ପୂଜା କରେ । ସମସ୍ତ ଆପଦ ବିପଦରୁ ମୁକ୍ତ କରି ଡଙ୍ଗରିଆଙ୍କୁ ପୂଜା କରେ । ସମସ୍ତ ଆପଦ ବିପଦରୁ ମୁକ୍ତ କରି ଡଙ୍ଗରିଆକୁ ସେମାନେ ବାଂଚନ୍ତି । କୌଣସି ଶୁଭ କାମ କରିବା ପୂର୍ବରୁ 'କଟିଙ୍ଗଗିରି'କୁ ପୂଜା କରି ସେମାନଙ୍କ ଆର୍ଶୀବାଦ ନିଆଯାଏ । ସେହି ଆର୍ଶୀବାଦ ଫଳରେ ଭଲ ଫସଲ ହୁଏ, ବର୍ଷା ହୁଏ ଓ ସମସ୍ତ ଆପଦ ବିପଦ ଟଳିଯାଏ ।

ଡଙ୍ଗରିଆ ଅନେକ ପ୍ରକାର ପର୍ବ ପାଳନ କରେ ଯେପରି ନୂଆଖିଆ, ଫସଲ ଅମଳ, ଡଙ୍ଗର ପୂଜା ଓ ଧରଣୀ ପୂଜା ଇତ୍ୟାଦି । କିନ୍ତୁ ବିହନ ବୁଣା ପର୍ବ ପରେ ପରେ ଆରମ୍ଭ ହୋଇଯାଏ ଶିକାର କରିବାର ଝୁଙ୍କ । ଏମାନେ ସାମାଜିକ ଓ ଅର୍ଥନୈତିକ ଜୀବନ ପାହାଡ଼ ତଳେ ବସୁଥିବା ହାଟ ଦ୍ୱାରା ପ୍ରଭାବିତ ହୁଏ । ବାଟରେ ଏମାନେ ନିଜର କୃଷି ଜାତ ଓ ଜଙ୍ଗଲରୁ ସଂଗୃହୀତ ପଦାର୍ଥକୁ ବିକ୍ରି କରି ବା ବଦଳାଇ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସହିତ ଧାନ ଚାଉଳ କିଣନ୍ତି । ଏଠାରେ ସେମାନଙ୍କର ସାହୁକାରଙ୍କ ସହ ଦେଣନେଣ କାରବାର ହୁଏ । ଅନେକ ସମୟରେ ବେପାରୀ ସେମାନଙ୍କୁ ଠକିବାର ଦେଖାଯାଇଥାଏ । ସାମାନ୍ୟ ନିଶା ଯୁକ୍ତ ପାନୀୟ ଓ ଖଣ୍ଡିଏ ଲୁଗା ବଦଳରେ ବେପାରୀ ଅମଳ ହୋଇନଥିବା ଫସଲକୁ ମଧ୍ୟ ହାସଲ କରିନିଏ । ଡଙ୍ଗରିଆର ସବୁ ଥାଇ ମଧ୍ୟ ସେ ଶେଷରେ ନିସ୍ୱ ହୋଇଯାଏ ।

ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ

# 'ରଘୁ ଦହିବରା'....କଟକ ଦହିବରାର ବ୍ରାଣ୍ଡ ଆମ୍ବାସଡ଼ର


ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ବୋଧେ ଦୁଇ ବର୍ଷ ତଳର କଥା, ଟାଟା ନଗରରୁ କଟକର ସିଡିଏ ଯାଉଥିବାବେଳେ ବିଡ଼ାନାସୀ ବନ୍ଧଛକ ବାମପଟେ ଏକ ଶୃଙ୍ଖଳିତ ଗହଳି ଦୃଷ୍ଟି ଆକର୍ଷଣ କରିଥିଲା । ସାଙ୍ଗରେ ଥିବା ଜନୈକ ବନ୍ଧୁ 'ଇଏ କଟକର ପ୍ରସିଦ୍ଧ ରଘୁ ଦହିବରା ସେ[ର' ବୋଲି କହିବାରୁ କିଛି ଦୂରରେ ଗାଡ଼ି ରଖି ତାଙ୍କ ହାତ ପରଷା ଦହିବରା ଖାଇଥିଲି । ଶାଳପତ୍ର ଦାନାରେ ନରମ ନରମ ଦହିବରା ଉପରେ ରାଗୁଆ ରାଗୁଆ ଗରମ ଆଳୁଦମ ବିଛାଇ ବେଶ ହସ ହସ ଚେହେରାର ରଘୁବାବୁ ଆଉ ଯେ ନାହାନ୍ତି ଖବର କାଗଜରୁ ଜାଣିବା ପରେ ମନ ଭିତରଟା କିଛି କ୍ଷଣ ପାଇଁ ତାଙ୍କ ପାଖରେ ଅଟକିଗଲା । ହଜାର ବର୍ଷର ସହର କଟକ । ଆଉ କଟକର ଦହିବରା କହିଲେ ପ୍ରଥମେ 'ରଘୁ' ନାମଟି ହିଁ ଆସିଥାଏ । ଅନେକ ହୁଏତ ଜାଣିନଥିବେ ସେ ଏପରି ଜଣେ ପ୍ରସିଦ୍ଧ ଦହିବରାର କାରିଗର ଥିଲେ ଯିଏକି ତାଙ୍କ ଦୋକାନ ଖୋଲିବା ପୂର୍ବରୁ ଲୋକେ ତାଙ୍କୁ ଅପେକ୍ଷା କରିଥାନ୍ତି । ଏମିତିରେ କଟକିଆଙ୍କ ପ୍ରିୟ ଖାଦ୍ୟ କହିଲେ ଦହିବରାକୁ ବୁଝାଏ । ଆଉ ରଘୁ ଦହିବରା ହେଉଛନ୍ତି କହିବାକୁଗଲେ ଅଘୋଷିତ ବ୍ରାଣ୍ଡ ଆମ୍ବସଡ଼ର । ୯୪ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି ।

ପାଖାପାଖି ଆଠ ଦଶନ୍ଧି ଧରି ନିଜ ହାତର ସ୍ୱାଦିଷ୍ଟ ଦହିବରାରେ ସେ ହଜାର ହଜାର ଲୋକଙ୍କ ପ୍ରିୟ ଭାଜନ ହୋଇଥିଲେ ଆଉ କଟକରେ ଆଳୁଦମ ଦହିବରା ବେପାରର ସେ ଏକ ପ୍ରକାର ଖା[ ସ୍ୱତନ୍ତ୍ର ଛାପ ଛାଡ଼ିବା ସହ ନିଜସ୍ୱ ବ୍ରାଣ୍ଡ ମଧ୍ୟ ଗଢ଼ିତୋଳି ପାରିଥିଲେ । ୧୯୩୪ ମସିହା ଜୁନ ୬ ତାରିଖରୁ ବିଡ଼ାନାସୀ ଗୋପାଳ ସାହିରେ ଜନ୍ମ ଗ୍ରହଣ କରିଥିବା ରଘୁବାବୁ ପରିବାରର ପ୍ରତିପୋଷଣ ଦାୟିତ୍ୱ ମୁଣ୍ଡାଇ ମାତ୍ର ୧୪ ବର୍ଷ ବୟସରେ ଦହିବରା ଆଳୁଦମ ବେପାରକୁ ଆସିଥିଲେ । ପାଠ ବସ୍ତାନୀରେ ଡୋରି ବାନ୍ଧି ପରିବାରକୁ ଆର୍ଥିକ ସାହାଯ୍ୟ ଯୋଗାଇବାର ବାଧବାଧକତାକୁ ନିଜ ମୁଣ୍ଡକୁ ହିଁ ନେଇଥିଲେ । ତାଙ୍କ ବେପାର ଆରମ୍ଭ ହୋଇଥିଲା ସେ ସମୟରେ ସେ ନିଜେ କାନ୍ଧରେ ବୋହି ସହରର ବିଭିନ୍ନ ସାହି ଓ ଗଳି ବୁଲି ବୁଲି ବିକୁଥିଲେ ପରେ ବାରବାଟୀ ଷ୍ଟାଡ଼ିୟମ ପ୍ରତିଷ୍ଠା ହେବା ପରେ ପାଖାପାଖି ୪୦ ବର୍ଷ ବାରାବାଟୀ ସାମ୍ନାରେ ହିଁ ସେ ପସରା ଖୋଲିଥିଲେ । ପରେ ବିଡ଼ାନାସୀ ବନ୍ଧଛକରେ ତାଙ୍କ ଉଠା ଦୋକାନ ଗଢ଼ି ଉଠିଥିଲା । ସେବେଠାରୁ ତାଙ୍କ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ବିଡ଼ାନାସୀ ଛକର ଟିକିଏ ଆଗକୁ ତାଙ୍କର ବ୍ୟବସାୟ ଚାଲିଥିଲା ।

ରଘୁ ବାବୁଙ୍କ ଦହିବରାର ଖାସିୟତ ଥିଲା ଏହିପରି, ସେଥିରେ ନାଁ ଘୁଘୁନି ରହୁଥିଲା ନାଁ ପିଆଜ । ନାଁ ସେଓ ନାଁ କଟା କଂାଳଙ୍କା । କେବଳ ଦହିବରା ଆଉ ପତଳା ଝୋଳର ଆଳୁଦମ ଭିତରେ ତାଙ୍କ ସ୍ୱତନ୍ତ୍ର ପରିଚୟ ରହୁଥିଲା । ବଜାର ମସଲା ଆଦୌ ଗ୍ରହଣ ନକରି ଘରେ ମସଲା ତାଙ୍କରି ପ୍ରସ୍ତୁତିରେ ହିଁ ତିଆରି ହେଉଥିଲା । ଆଳୁଦମ ଉପରେ ଲଙ୍କାଲୁଣ ମରିଚ ଗୁଣ୍ଡର ଛିଟିକା ସ୍ୱାଦ ଆହୁରି ଲାଳ ଗଡ଼ାଉଥିଲା ଦହିବରା ଖିଆଳିଙ୍କ ଭିତରେ । ରଘୁବାବୁଙ୍କ ଦହିବରାର ଆଉ ଏକ ଉଲ୍ଲେଖନୀୟ ଦିଗଟି ହେଉଛି ପ୍ରତିଦିନ ମାତ୍ର ସେ ୨୦୦ ଲୋକଙ୍କ ପାଇଁ ହିଁ ଦହିବରା ବନାଉଥିଲେ । ଖୁବ ହେଲେ ଚାଳିଶ ପଇଁଚାଳିଶ ମିନିଟ ଭିତରେ ତାଙ୍କ ବେପାର ସରିଯାଉଥିଲା । ଆଶ୍ଚର୍ଯ୍ୟର କଥା ଗ୍ରାହକ ଫେରି ଯାଉଥିଲେ ମଧ୍ୟ ସେ ଲୋଭଗ୍ରସ୍ତ ହୋଇ ଦୁଇ ଶହରୁ ଅଧିକ ହିଁ ବନାଉ ନଥିଲେ । ୨୦୧୭ ନୂଆ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶା ଉତ୍ସବର ସେ ଯୋଗ ଦେଇଥିଲେ । ତାଙ୍କ ପ୍ରକୃତ ନାମ ଥିଲା ରଘୁନାଥ ସାସମଲ । ରଘୁ ବାବୁଙ୍କ ଦହିବରାର ଆଉ ଏକ ସ୍ୱତନ୍ତ୍ର ଦିଗ ବି ଥିଲା । ଦହିବରାର ଝୋଳ ଟିକେ ରାଗୁଆ ରହୁଥିବାରୁ ଦହିବରା ଆଳୁଦମ ସହିତ ଘରୋଇ ପ୍ରସ୍ତୁତିର ଖୁଆପେଡ଼ା ମଧ୍ୟ ରଖୁଥିଲେ । ହଜାର ବର୍ଷର କଟକ ସହରରେ ଅନେକ ସେପରି ଚର୍ଚ୍ଚା ନ ହୋଇ ମଧ୍ୟ ଯେଉଁ କ୍ୱଚିତ ନିଜ ଅନନ୍ୟ ଓ ସ୍ୱତନ୍ତ୍ର ଖାଦ୍ୟ ଭଣ୍ଡାରର ଯୁଗ ଯୁଗ ପାଇଁ କିମ୍ବଦନ୍ତୀ ହୋଇ ରହିଛନ୍ତି ରଘୁଦହିବରା ତାଙ୍କ ଭିତରୁ ଜଣେ । ଲେଖାଟି ପ୍ରସ୍ତୁତ କଲାବେଳକୁ ମନେ ପଡୁଛି ସେହି କଟକ ଦହିବରାର ଅଘୋଷିତ ବ୍ରାଣ୍ଡ ଆମ୍ବାସଡ଼ର ରଘୁବାବୁଙ୍କ ମୁହଁ । ଯଦିଓ ତାଙ୍କ ଶେଷ ସମୟ ବେଳକୁ ଦୋକାନରେ ସେ କେବଳ ବସି ରହୁଥିଲେ, ତାଙ୍କ ପୁଅମାନେ ବିକ୍ରିବଟା କରୁଥିଲେ । କଟକ ଯେବେ ବି ଆଉ ଯିବି ବିଡ଼ାନାସୀ ବନ୍ଧଛକ ପରେ ଆଉ ସେ ରଘୁ ଦହିବରାର ଗହଳି ପାଇପାରିଲେ ମଧ୍ୟ ହସ ହସ ମୁହଁର ରଘୁ ବାବୁଙ୍କୁ ଆଉ ପାଇବିନାହିଁ । ତାଙ୍କ ଅମର ଆତ୍ମାର ସଦଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତାଙ୍କ ପାଇଁ ପ୍ରାର୍ଥନା କରୁଛି ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଦର୍ପଣରେ ଘରସଜ୍ଜା


ଅପର୍ଣ୍ଣା ନାୟକ

ଘର ସଜାସଜିରେ ଦର୍ପଣର ସ୍ଥାନ ସ୍ୱତନ୍ତ୍ର । ଆଉ ଦର୍ପଣ ଉପରେ ସୌଖୀନ ରଖିଥିବା ଅନେକ ଅଛନ୍ତି । ଦାମୀ ଦାମୀ ଆଉ ବିଦେଶୀ ବିଭିନ୍ନ ଢ଼ଙ୍ଗର ଦର୍ପଣ ଅନେକଙ୍କ ଘରର ଆକର୍ଷଣକୁ ବହୁଗୁଣିତ କରିଥାଏ । ଆମ ହିନ୍ଦୁ ସନାତନ ଧର୍ମ ବିଧାନରେ ଦର୍ପଣକୁ ନେଇ ଅନେକ ନୀତି, ଉପଦେଶାବଳୀ କିଛି ମିଛି ମିଛିକା କଥା ମଧ୍ୟ ରହିଛି । ଘରର ଶୁଭ ପ୍ରତୀକ ଭାବେ ଅନେକ ଦର୍ପଣକୁ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ଆସନ୍ତୁ ଦର୍ପଣର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ।

ସ୍ପେସିଅସ୍ ଲୁକ୍ : କୌଣସି ରୁମ୍‌କୁ ସ୍ପେସିଅସ୍ ଲୁକ୍ ଦେବା ପାଇଁ ଦର୍ପଣକୁ ବ୍ୟବହାର କରାଯାଇପାରେ । ଉଦାହରଣ ସ୍ୱରୂପ ଡାଇନିଂ ହଲ୍‌ରେ ମିରର୍ ବ୍ୟବହାର କଲେ ରୁମ୍‌ଟି ଆଲୋକମୟ ହେବା ସହ ତାର ଆୟତନ ବଢ଼ିବା ପରି ଅନୁଭୂତ ହୁଏ । ଝରକାର ବିପରୀତ ଦିଗରେ ଏହାକୁ ରଖିଲେ ଦେଖିବେ ରୁମ୍‌ଟି କିଭଳି ୧୦ଗୁଣା ବଡ଼ ପରି ଅନୁଭୂତ ହେବ । ଛୋଟ ରୋଷେଇ ଘରେ ବି ଏହାକୁ ଏଭଳି ବ୍ୟବହାର କଲେ ରୋଷେଇ ଘର ସ୍ପେସିଅସ୍ ଲାଗିବ ଓ ଏଠାରେ ଅଧିକ ସମୟ ବିତାଇବାକୁ ଇଚ୍ଛା ହେବ ।

ପିସ୍ ଅଫ୍ ଆର୍ଟ : ମିରର୍‌କୁ ପିସ୍ ଅଫ୍ ଆର୍ଟ ଭାବେ ମଧ୍ୟ ବ୍ୟବହାର କରାଯାଇପାରେ । ରାଜକୀୟ ଫ୍ରେମ ଥିବା ସୁନ୍ଦର ମିରର୍ ଘରକୁ ଆର୍ଟିଷ୍ଟିକ୍ ଲୁକ ଦେଇଥାଏ । ଏହାକୁ ଘରର ଏମିତି ଏକ ସ୍ଥାନରେ ରଖନ୍ତୁ ଯେମିତିକି ବାହାରର ଆଲୋକ ଏଥିରେ ପଡ଼ି ବିଚ୍ଛୁରିତ ହୋଇ ଘର ଆଲୋକମୟ ହେବ । ଘରକୁ ଡ୍ରାମାଟିକ୍ ଇଫେକ୍ଟ ଦେବାକୁ ଚାହୁଁଥିଲେ ଚଟାଣରେ ଫୁଲ ଲେନ୍ଥର ମିରର ଓ କାନ୍ଥରେ ବି ସେମିତି ମିରର ଲଗାନ୍ତୁ । ଘରର ଲମ୍ବା ପାସେଜ୍‌ରେ ଏଭଳି ମିରର ଲଗାଇଲେ ବି ଭଲ ଲାଗିଥାଏ । ଗୋଟିଏ କାନ୍ଥରେ ଛୋଟ ବଡ଼ ଅନେକଗୁଡ଼ିଏ ଓ ବିଭିନ୍ନ ଆକୃତିର ମିରର୍ ଲାଗିଥିଲେ ବି ବହୁତ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ । ଅନେକ ସମୟରେ ସୁନ୍ଦର ପେଟିଂ ଅପେକ୍ଷା ରାଜକୀୟ ତଥା ମଡ଼ର୍ଣ୍ଣ ଫ୍ରେମ୍ ଥିବା ମିରର୍ କାନ୍ଥକୁ ବେଶ୍ ଆକର୍ଷଣୀୟ କରିଥାଏ । ଫୁଲଦାନି, ଶୋ'ପିସ୍‌ରେ ସଜ୍ଜିତ ହୋଇ କାନ୍ଥରେ ଅଥବା କୌଣସି ସୁନ୍ଦର ପେଟିଂ କିମ୍ବା ଡିଜାଇନିଂ ଟେବୁଲ୍ ଉପରେ ବି ମିରର୍ ଲଗାଇପାରନ୍ତି । ଏହା ଘରକୁ ନିଶ୍ଚିତ ଭାବେ ଆର୍ଟିଷ୍ଟିକ୍ ଲୁକ୍ ଦେବ ।

ବେଡ଼ରୁମ୍ : ବେଡ଼ରୁମ୍‌ରେ ଆପଣ ଯଦି କେବଳ ଗୋଟିଏ ମିରର ଓ ସେ ପୁଣି ଡ୍ରେସିଂ ଟେବୁଲ ଭାବରେ ବ୍ୟବହାର କରିବାକୁ ଚାହୁଁଥାନ୍ତି, ତେବେ ସିଲିଂରୁ ଚଟାଣ ପର୍ଯ୍ୟନ୍ତ ଲମ୍ବିଥିବା ଏକ ଫୁଲ୍ ସ୍କେଲ ମିରର ଆପଣେଇ ପାରନ୍ତି । ଏଭଳି କଲେ ବେଡ଼ରୁମ୍‌ର ଲୁକ୍ ସମ୍ପୂର୍ଣ୍ଣ ବଦଳିଯିବ । ପ୍ରବେଶ ଦ୍ୱାରରେ : ପ୍ରବେଶ ପଥରେ ଦର୍ପଣ ଲଗାଇଲେ ଏହା ଅତିଥିଙ୍କୁ ସ୍ୱାଗତ କରିବା ଦର୍ଶାଇଥାଏ । ତା'ସହ ଏହା ଅନ୍ଧକାରମୟ ପ୍ରବେଶ ପଥକୁ ଆଲୋକିତ କରିଥାଏ ଓ ଅତିଥିଙ୍କୁ ସୁଯୋଗ ଦେଇଥାଏ ଘର ଭିତରକୁ ପ୍ରବେଶ କରିବା ପୂର୍ବରୁ ନିଜକୁ ଦେଖି ସଜାଡ଼ି ନେବା ପାଇଁ । କାନ୍ଥରେ : ଅନେକେ ଖାଲି କାନ୍ଥରେ ଡେକୋରେଟିଭ୍ ମିରର୍ ଲଗାଇବାକୁ ପସନ୍ଦ କରିଥାନ୍ତି । ତେବେ ଏହା କରିବା ପୂର୍ବରୁ ଧ୍ୟାନ ଦେବା ଜରୁରୀ ଯେମିତି ଉକ୍ତ ମିରର୍‌ରେ କୌଣସି ପୁରୁଣା ଓ ଅସୁନ୍ଦର ତଥା ଅସଜଡ଼ା ଜିନିଷର ପ୍ରତିବିମ୍ବ ଦେଖାଯାଉ ନଥିବ । ପେଙ୍ଗସୁଇ ଓ ମିରର

ଡାଇନିଂ ରୁମ୍ : ଡାଇନିଂ ଟେବୁଲ ସାଇଡ଼ରେ ମିରର ଲଗାଇଲେ ବିଶ୍ୱାସ ରହିଛି ଯେ, ଏହା ସୌଭାଗ୍ୟ ଆଣିବା ସହ ଧନଧାନ୍ୟରେ ପରିପୂର୍ଣ୍ଣ କରିଥାଏ ।

ହଲୱେ ଶେଷରେ : ହଲୱେର ଶେଷରେ ମିରର୍ ଲଗାନ୍ତୁ ନାହିଁ । କାରଣ ଏହା ଏକ ସ୍ଥାନ ସୃଷ୍ଟି କରିବ, ଯାହା ମଧ୍ୟ ଦେଇ ଘରର ଅନ୍ତର୍ନିହିତ ଉର୍ଜା ବାହାରକୁ ଚାଲିଯିବ । ଲମ୍ବା ହଲ୍‌ୱେର କାନ୍ଥରେ ବି ଡିଜାଇନର ମିରର୍ ଲଗାଇପାରନ୍ତି ।

ବାଥରୁମ୍ : ମିରର୍‌କୁ ବାଥରୁମ୍‌ରେ ଲଗାଇଲେ ସକାରାତ୍ମକ ଉର୍ଜା ସୃଷ୍ଟି ହୋଇଥାଏ ।

ଦର୍ପଣ.... କଥାରେ ଅଛି 'ଆଇନା ମିଛ କହେନା' । ସତରେ ଦର୍ପଣ ଆଗରେ ଜଣେ ନିଜର ଜୀବନର ସତ ମିଛକୁ ପରଖେ । ଦର୍ପଣ ଆମ୍ଭ ମାନଙ୍କ ନିତିଦିନିଆ ଜୀବନ ପାଇଁ ଅନେକ ଶିକ୍ଷା ମଧ୍ୟ ଦେଇଥାଏ । ଦର୍ପଣ କେବଳ ଏକ ସୌଖୀନ ସାମଗ୍ରୀ ନୁହେଁ । ଘରର ଶୁଭାଶୁଭ, ଆନନ୍ଦ ଓ ପ୍ରେମର ପ୍ରତୀକ ହେଉଛି ଏହି ଦର୍ପଣ । ଆମ ଭିତରୁ ଅନେକ ଅଛନ୍ତି ସେମାନଙ୍କ ସକାଳର ପ୍ରଥମ ଦର୍ଶନ ହୋଇଥାଏ ଏହି ଦର୍ପଣକୁ । ଆପଣଙ୍କ ଦର୍ପଣ ଆପଣଙ୍କୁ ସତ୍ୟବାଦୀ କରୁ, ସ୍ପଷ୍ଟବାଦୀ କରୁ, ଶାନ୍ତି ଓ ପ୍ରେମପୂର୍ଣ୍ଣ ଜୀବନ ପାଇଁ ପ୍ରେରଣା ଯୋଗାଉ ।

*ମେନ ସାଗର ପାନ ରୋଡ଼, ନଂ-୩,*
*ବାଲାଜୀ ଡିପାର୍ଟମେଂଟାଲ ଷ୍ଟୋର,*
*ନୂଆଦିଲ୍ଲୀ,*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
Bhubaneswar Friday August 22 | ଭୁବନେଶ୍ୱର | ଶୁକ୍ରବାର, ୨୨, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ୧୯ତମ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମାନ୍ୟବର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ



ଭୁବନେଶ୍ୱର,(ପି.ଏନ): ଟାଟା ଷ୍ଟିଲ ପକ୍ଷରୁ ପଠାଣୀ ସାମନ୍ତ ପ୍ଲାନେଟାରିୟମ, ଭୁବନେଶ୍ୱର ସହଯୋଗିତାରେ ଆୟୋଜନ କରାଯାଉଥିବା ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ)ର ୧୯ତମ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଲୋକସେବା ଭବନଠାରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଛନ୍ତି। ସାରା ଓଡ଼ିଶାର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନ, ଆଷ୍ଟ୍ରୋଫିଜିକ୍ସ ଓ ଜ୍ୟୋତିର୍ବିଜ୍ଞାନ ପ୍ରତି ଥିବା ନିଜ ଆଗ୍ରହ ଓ ଅଭିରୁଚି ପ୍ରଦର୍ଶନ କରିବା ପାଇଁ ୟାଟ୍ସ କାର୍ଯ୍ୟକ୍ରମ ଏକ ସ୍ୱତନ୍ତ୍ର ମଂଚ ପ୍ରଦାନ କରି ଆସୁଛି। ଓଡ଼ିଶାର କିମ୍ବଦନ୍ତୀ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଅବଦାନକୁ ମଧ୍ୟ ଏହା ଋଦ୍ଧିମନ୍ତ କରି ଆସୁଛି।କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମାନ୍ୟବର ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ଯେ, ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଯାତ୍ରୀ"। ଏଥିପାଇଁ ସ୍କୁଲ ଓ ଜିଲ୍ଲାସ୍ତରରେ ପ୍ରତିଯୋଗିତା କରାଯିବ। ବିଜେତାମାନେ ଡିସେମ୍ବର ୧୩ ତାରିଖରେ ପଠାଣି ସାମନ୍ତ ପ୍ଲାନେଟାରିୟମରେ ହେବାକୁ ଥିବା ଗ୍ରାଣ୍ଡ ଫିନାଲେରେ ସାମିଲ ହେବେ। ପରେ ସାରା ରାଜ୍ୟର ୩୦ ଜଣ ବିଜେତା ବେଙ୍ଗାଲୁରୁସ୍ଥିତ ଇସ୍ରୋ ପରିଦର୍ଶନ କରି ବୈଜ୍ଞାନିକମାନଙ୍କ ଗବେଷଣା ସମ୍ପର୍କରେ ଜ୍ଞାନ ଲାଭ କରିବେ।ଏହାର ଉଦଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ଦାୟିତ୍ୱରେ ଥିବା ଦକ୍ଷତା ବିକାଶ ଓ ବୈ?ଷୟିକ ଶିକ୍ଷା ବିଭାଗର କମିସନର ତଥା ଶାସନ ସଚିବ ଆଇଏଏସ ଶ୍ରୀ ଭୁପେନ୍ଦ୍ର ସିଂହ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ସଚିବ ଶ୍ରୀମତୀ ଶିବାନୀ ମହାନ୍ତି ଏବଂ ପୂଜା ମିଶ୍ର, ଫାଇନାନ୍ସିଆଲ ଆଡଭାଇଜର ତଥା ଅତିରିକ୍ତ ସଚିବ ବିଦ୍ୟୁତପ୍ରଭା ରାଉତ, ଓଡ଼ିଶା ସରକାରଙ୍କ ଉପ ସଚିବ ଓ ପଠାଣି ସାମନ୍ତ ପ୍ଲାନେଟାରିୟମ ନିର୍ଦ୍ଦେଶିକା ଶ୍ରୀମତୀ ଉର୍ମିପ୍ରଭା ମହାରଣା, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଉପ ସଚିବ ଚିନ୍ମୟୀ ଚେତନା ଦାସ, ଜୈବ ପ୍ରଯୁକ୍ତିବିଦ୍ୟା ବିଭାଗ ଉପ ନିର୍ଦ୍ଦେଶକ ଶଶିକାନ୍ତ ଦାଶ ଏବଂ ଟାଟା ଷ୍ଟିଲର ଚିଫ ରେସିଡେଂଟ ଏକଜିକ୍ୟୁଟିଭ (ମୁଖ୍ୟ ଆବାସିକ କାର୍ଯ୍ୟନିର୍ବାହୀ) ଶ୍ରୀ ଦେବାଶିଷ ଜେନା ଉପସ୍ଥିତ ରହିଥିଲେ। ୟାଟ୍ସ କାର୍ଯ୍ୟକ୍ରମରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ବଢ଼ାଇବାକୁ ଟାଟା ଷ୍ଟିଲ ପ୍ରତିବଦ୍ଧ ରହିଛି ଓ ଏଥିପାଇଁ ଉଭୟ ପ୍ରତ୍ୟକ୍ଷ ଓ ଭରଚୁଆଲ ମାଧ୍ୟମ ଆପଣାଯାଇଛି ବୋଲି ଟାଟା ଷ୍ଟିଲର ଚିଫ ରେସିଡେଂଟ ଏକଜିକ୍ୟୁଟିଭ ଶ୍ରୀ ଦେବାଶିଷ ଜେନା ଆଲୋକପାତ କରିଥିଲେ। ଯୁବ ପ୍ରତିଭାମାନଙ୍କୁ ଅନୁପ୍ରାଣିତ କରିବା ଏବଂ ମହାକାଶ ବିଜ୍ଞାନରେ ସେମାନଙ୍କ ଆଗ୍ରହକୁ ଆହୁରି ଗଭୀର କରିବା ଲାଗି କମ୍ପାନୀର ପ୍ରଚେଷ୍ଟାକୁ ସେ ଦୋହରାଇଥିଲେ। ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ ଏବଂ ନବମ-ଦଶମ ଶ୍ରେଣୀର ପିଲାମାନଙ୍କ ପାଇଁ ବିବିଧ-ପସନ୍ଦ ପ୍ରଶ୍ନାବଳୀ (ଏମସିକ୍ୟୁ) ରହିବ। ଜିଲ୍ଲାସ୍ତରୀୟ ବିଜେତାମାନଙ୍କୁ ୨୦୨୫ ଡିସେମ୍ବର ୧୩ ତାରିଖରେ ଭୁବନେଶ୍ୱରର ପଠାଣି ସାମନ୍ତ ପ୍ଲାନେଟାରିୟମରେ ଅନୁଷ୍ଠିତ ହେବାକୁ ଥିବା ଗ୍ରାଣ୍ଡ ଫିନାଲେ ପାଇଁ ଆମନ୍ତ୍ରଣ କରାଯିବ। ପଠାଣି ସାମନ୍ତ ଭାବେ ପରିଚିତ ମହାମହୋପାଧ୍ୟାୟ ପଣ୍ଡିତ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ରଙ୍କ ଜୟନ୍ତୀରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଗତ ୧୮ ବର୍ଷ ମଧ୍ୟରେ ୟାଟ୍ସ କାର୍ଯ୍ୟକ୍ରମ ଓଡ଼ିଶାର ସ୍କୁଲ ପିଲାମାନଙ୍କ ମଧ୍ୟରେ ବ୍ରହ୍ମାଣ୍ଡର ରହସ୍ୟକୁ ନେଇ ଆଗ୍ରହକୁ ତ୍ୱରାନ୍ୱିତ କରିଛି। ୟାଟସର ୧୮ତମ ସଂସ୍କରଣର ବିଜେତାମାନେ ୨୦୨୫ ମେ' ମାସରେ ବେଙ୍ଗାଲୁରୁ ସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଟେଲିମେଟ୍ରି ଟ୍ରାକିଂ ଆଣ୍ଡ କମାଣ୍ଡ ନେଟୱର୍କ (ଆଇଏସଟିଆରଏସି) ଓ ୟୁଆର ରାଓ ଉପଗ୍ରହ କେନ୍ଦ୍ର (ୟୁଆରଏସସି) ପରିଦର୍ଶନ କରିଥିଲେ। ଶୁଭାରମ୍ଭ ପରଠାରୁ ୟାଟସ ସାରା ଓଡ଼ିଶାର ୪.୭୧ ଲକ୍ଷ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିପାରିଛି ଏବଂ ୨୩୦ ଜଣ ବିଜେତା ଇସ୍ରୋର ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ପ୍ରଗତିକୁ ଦେଖିବାର ସ୍ୱତନ୍ତ୍ର ସୁଯୋଗ ହାସଲ କରିଛନ୍ତି।

# ଏମ୍ସ ଭୁବନେଶ୍ୱର, କିଟ୍-ଟିବିଆଇ ଏବଂ ବିସିକେଆଇସି ଫାଉଣ୍ଡେସନ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର




ଭୁବନେଶ୍ୱର, (ପି.ଏନ): ସ୍ୱାସ୍ଥ୍ୟସେବା ନବସୃଜନକୁ ଆଗକୁ ବଢାଇବା ଏବଂ କ୍ଲିନିକାଲ୍ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଅନନ୍ୟ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱର ଆଜି କିଟ୍-ଟେକ୍ନୋଲୋଜି ବିଜନେସ ଇନକ୍ୟୁବେଟର (କିଟ୍-ଟିବିଆଇ) ଏବଂ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେସନ୍ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ବୁଝାମଣାର ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟସେବା ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ବିନିଯୋଗ ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ସୃଷ୍ଟି କରିବା, ଏବଂ ସ୍ୱାସ୍ଥ୍ୟସେବା ନବସୃଜନ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେରେ କାର୍ଯ୍ୟରତ ଷ୍ଟାର୍ଟଅପ୍ସଙ୍କୁ ଓଡ଼ିଶାକୁ ଆକର୍ଷିତ କରିବା ମଧ୍ୟ ଏହାର ପ୍ରାଥମିକତା ରହିବ। ଏହା ସ୍ୱାସ୍ଥ୍ୟସେବା, ନିଦାନ ଏବଂ ଡିଜିଟାଲ୍ ସ୍ୱାସ୍ଥ୍ୟରେ ମିଳିତ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାରେ ମଧ୍ୟ ସାହାଯ୍ୟ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ବିସିକେଆଇସି ଅଧ୍ୟକ୍ଷ ଏବଂ କିଟ୍-ଟିବିଆଇ ସିଇଓ ମୃତ୍ୟୁଞ୍ଜୟ ସୁଆରଙ୍କ ଉପସ୍ଥିତିରେ ଏମ୍ସ ଭୁବନେଶ୍ୱରରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ବୁଝାମଣା, ଏମ୍ସ ଭୁବନେଶ୍ୱରକୁ ଏକ ଜାତୀୟ ଟ୍ରାନ୍ସଲେସନାଲ୍ ଇନୋଭେସନ୍ ହବ୍ ଭାବରେ ପ୍ରତିଷ୍ଠା କରିବ, ଯାହା ଚିକିତ୍ସା ଉତ୍ପାଦ ବିକାଶ, ପ୍ରଯୁକ୍ତିବିଦ୍ୟାର ଉନ୍ନତି, ପ୍ରଭାବଶାଳୀ ଆଇପି ପରିଚାଳନା ଏବଂ କ୍ଲିନିକାଲ୍ ଉଦ୍ୟୋମୀତାକୁ ପ୍ରୋତ୍ସାହିତ କରିବ ବୋଲି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି। ଏମ୍ସ ଭୁବନେଶ୍ୱର, କିଟ୍-ଟିବିଆଇ ଏବଂ ବିସିକେଆଇସି ମିଳିତ ଭାବରେ ନବସୃଜନ ଏବଂ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ, ବୁଟକ୍ୟାମ୍ପ, ନିୟାମକ କର୍ମଶାଳା ଏବଂ ଷ୍ଟାର୍ଟଅପ୍-ନିବେଶକ ଗୋଲଟେବୁଲ ଆୟୋଜନ ଦିଗରେ କାର୍ଯ୍ୟ କରିବେ। ଏହା ସହିତ, ଟେଲିହେଲ୍ଥ ପ୍ଲାଟଫର୍ମର ବାସ୍ତବ-ବିଶ୍ୱ ପରୀକ୍ଷଣ, ଏଆଇ-ଆଧାରିତ ଡାଇଗ୍ନୋଷ୍ଟିକ୍ ଉପକରଣ ଏବଂ ଦୂରବର୍ତ୍ତୀ ମନିଟରିଂ ଡିଭାଇସଗୁଡ଼ିକ ମଧ୍ୟ ବିକାଶ କରାଯିବ। ସେହିପରି, ଦକ୍ଷତା ବିକାଶ ଏବଂ ଉଦ୍ୟୋମୀତା ପାଇଁ, କ୍ଲିନିକାଲ୍ ଇନୋଭେସନ୍, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍ ?ଗୁଡ଼ିକର ଇନକ୍ୟୁବେସନ୍କୁ ପ୍ରୋତ୍ସାହିତ କରାଯିବ। ଉଚ୍ଚ-ସ୍ତରୀୟ ଡାଇଗ୍ନୋଷ୍ଟିକ୍ ଉପକରଣ, କ୍ଲିନିକାଲ୍ ବୈଧତା ପଥ ଏବଂ ଉନ୍ନତ ଗବେଷଣା ସୁବିଧା ସହିତ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ।ଏହି ଅବସରରେ ବିସିକେଆଇସି ସିଇଓ ଏବଂ କିଟ୍-ଟିବିଆଇ ପରାମର୍ଶଦାତା ଡ. ନମ୍ରତା ମିଶ୍ର, ଏମ୍ସ ଭୁବନେଶ୍ୱରର ଡିନ୍ (ଗବେଷଣା) ଡ. ସତ୍ୟଜିତ ମିଶ୍ର, ଏମ୍ସ ଭୁବନେଶ୍ୱରର ଏମଓୟୁ କମିଟିର ସଚିବ ଡ. ଋତୁପର୍ଣ୍ଣା ମାଇତି, କିଟ୍-ଟିବିଆଇ ପରିଚାଳିକା (ଟେକ୍-ଇନୋଭେସନ୍) ଡ. ଜୟଲକ୍ଷ୍ମୀ ଦାଶ ଏବଂ ବିସିକେଆଇସି ପରିଚାଳକ ଅର୍ପଣ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।ଏହି ରଣନୈତିକ ସହଭାଗୀତା ଓଡ଼ିଶାକୁ ସ୍ୱାସ୍ଥ୍ୟସେବା ନବସୃଜନ ଏବଂ ଉଦ୍ୟୋଗର ଏକ କେନ୍ଦ୍ରରେ ପରିଣତ କରିବା ନେଇ ଆଶା କରାଯାଉଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ଏବଂ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ପ୍ରଗତି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ।

# ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗ



ସମ୍ବଲପୁର,(ପି.ଏନ): ସମ୍ବଲପୁରର ବିଶିଷ୍ଟ ନାଟ୍ୟକାର, କବି ତଥା ଲେଖକ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବୁଧବାର ଦିନ ୧୦.୩୦ ମି ସମୟରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗ ରେ ସମ୍ବଲପୁର ସହରରେ ଶୋକର ଛାୟା ଖେଳିଯାଇଛି । ସେ ଥିଲେ ଜଣେ ଦରଦୀ, ସରଳ ଓ ନୀରବ ସାଧକ କ୍ଷ ସମ୍ବଲପୁରୀ ସାହିତ୍ୟକୁ ଶିଖର କୁ ପହଞ୍ଚାଇବାରେ ଯେଉଁ କେତେଜଣ ସାହିତ୍ୟ ସାଧକ ଆଛନ୍ତି, ସେମାନଙ୍କ ମଧ୍ୟରେ ପଦ୍ମଶ୍ରୀ ସ୍ୱର୍ଗତ ପଶାୟତ ଅନ୍ୟତମ । ବଲାଙ୍ଗୀର ସହରରେ ଜନ୍ମ ହୋଇଥିବା ସ୍ୱର୍ଗତ ପଶାୟତ ସମ୍ବଲପୁର କୁ ନିଜର କର୍ମଭୂମି ଭାବେ ଗ୍ରହଣ କରି ଶେଷ ସମୟ ଯାଏ ସାହିତ୍ୟ ସାଧନା ଜାରି କରିଆସିଥିଲେ । ନିଜର କୌଳିକ ବୃତ୍ତିରେ ନିଜକୁ ନିୟୋଜିତ କରିଥିବା ସ୍ୱର୍ଗତ ପଶାୟତ, ଶେଷ ସମୟ ଯାଏ ନିଜର ନିଶା ସାହିତ୍ୟ ସାଧନା ନିରବିଚ୍ଛିନ୍ନ ଭାବରେ କରିଆସିଥିଲେ । ୧୯୫୯ ମସିହାରୁ କଟକ ଆକାଶବାଣୀ କେନ୍ଦ୍ର ରେ ଗୀତିକାର ଭାବେ ସ୍ୱୀକୃତି ପାଇଲା ପରେ ୧୯୬୫ ମସିହାରେ ସମ୍ବଲପୁର ଆକାଶବାଣୀ କେନ୍ଦ୍ର ରେ ସ୍ୱର୍ଗତ ପଶାୟତ ସ୍ୱୀକୃତି ପାଇଥିଲେ କ୍ଷ ତା'ପରେ ସେ ଆଉ ପଛକୁ ଚାହିଁନଥିଲେ । ପଦ୍ମଶ୍ରୀ ବିନୋଦଙ୍କର ଶାନ୍ତ ସରଳ ବ୍ୟକ୍ତିତ୍ୱ ହିଁ ତାଙ୍କୁ ଶ୍ରେଷ୍ଠ ସ୍ରଷ୍ଟା କରିପାରିଥିଲା କ୍ଷସମ୍ବଲପୁରୀ ଗୀତ ଓ ନାଟକ କୁ ବିଶ୍ୱ ଦରବାର ରେ ପରିଚିତ କରାଇବାରେ ସ୍ୱର୍ଗତ କବି ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ସମ୍ବଲପୁରୀ ଗୀତ ର ବିଦଗ୍ଧ ଶ୍ରୋତାଗଣ ସ୍ୱର୍ଗତ ବିନୋଦ ପଶାୟତ ଙ୍କ ରଚିତ ହାଏ କୃଷ୍ଣ ହାଏ କୃଷ୍ଣ, ଏ ନନୀ ସୁଲୋଚନା, ମାଆଠାରୁ ବଳି, ଗଲା ରାତି ଝୁମୁରା ସୁରେ ଓ ରଥଚାଲେ ଘିଡ଼ି ଘିଡି ଗୀତ ଗୁଡିକୁ ଝୁରି ହେଉଛନ୍ତି । ତାଙ୍କର ଅନ୍ତିମ ସଂସ୍କାର ଆଜି ଅପରାହ୍ନ ୪ ଟା ରେ ସମ୍ବଲପୁର ର ରାଜଘାଟ ଠାରେ ସମସ୍ତ ରୀତିନୀତି ରେ ସମ୍ପନ୍ନ କରାଗଲା ଏବଂ ଗାର୍ଡ ଅଫ ଅନର୍ ପ୍ରଦାନ କରାଯାଇଥିଲା। ସେଥିରେ ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ସାହିତ୍ୟିକ ଓ ସାମାଜିକ କର୍ମୀମାନେ ଉପସ୍ଥିତ ହୋଇ, ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପଦ୍ମଶ୍ରୀ ବିନୋଦ ପଶାୟତ ଙ୍କ ବିୟୋଗ ରେ ନାଟ ନାଟୁଆ,ସମ୍ବାଦ ସାହିତ୍ୟ ଘର, କଲମ ପରିବାର ଟ୍ରଷ୍ଟ, ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ, ଓଡ଼ିଶା ସାଂସ୍କୃତିକ ସମାଜ, ଭାରତ ବିକାଶ ପରିଷଦ, ଭାରତୀୟ ଶିକ୍ଷଣ ମଣ୍ଡଳ, ଭାରତୀ କଳା ବିକାଶ ପରିଷଦ, ସମ୍ବଲପୁରୀ ଏକତା ମଞ୍ଚ ଓ ସମ୍ବଲପୁରୀ ଲେଖକ ପରିଷଦ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ୧୩୦ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ପିସିସିର ଆଲୋଚନା ସଭା



ଭୁବନେଶ୍ୱର, (ପି.ଏନ): ଜର୍ମାନୀ ପରି ଭାରତୀୟ ଗଣତନ୍ତ୍ରରେ ମଧ୍ୟ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରି ସହମତିଭିତ୍ତିକ ସରକାର ଆଡକୁ ଗତି କରିବା ବଦଳରେ ଓଲଟା କେନ୍ଦ୍ର ସରକାର ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚାଲିଛି। ଭୋଟଦାନ ପ୍ରକ୍ରିୟାରେ ସଂଶୋଧନ ଆଣି ବ୍ୟବସ୍ଥାକୁ ସଂସ୍କାରିତ କରିବା ପରିବର୍ତ୍ତ ? ରାଜ୍ୟଗୁଡିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି। ଗତ ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା ସଭାରେ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ଶ୍ରୀ ବହିଦାର କହିଲେ, ଏବେ ରାଜ୍ୟ ମାନଙ୍କର ସ୍ୱାୟତ୍ତତା ନାହିଁ। ତଥାକଥିତ ଡବଲ ଇଞ୍ଜିନ ସରକାରରେ ରାଜ୍ୟ ଗୁଡିକର ସ୍ଥିତି ଆହୁରି ଖରାପ । ଏଥିରେ ପୁଣି କେନ୍ଦ୍ରୀୟ କାର୍ଯ୍ୟପାଳିକା କ୍ଷମତା ଆହୁରି ବୃଦ୍ଧି କରିବା ପାଇଁ ଏହି ସମ୍ବିଧାନ ସଂଶୋଧନ ଅଭିପ୍ରେତ । ଭାରତୀୟ ସମ୍ବିଧାନ କାର୍ଯ୍ୟପାଳିକାକୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଥିବା ବେଳେ ଏହି ସମ୍ବିଧାନ ସଂଶୋଧନ ବିଲ ଆଇନରେ ପରିଣତ ହେଲେ ନ୍ୟାୟପାଳିକାକୁ ଆଡେଇ କାର୍ଯ୍ୟପାଳିକା ସର୍ବ ?ସର୍ବା ହୋଇଯିବ । ପୁଲିସ, ଇଡି, ସିବିଆଇକୁ ହାତ କରି କେନ୍ଦ୍ରୀୟ କାର୍ଯ୍ୟପାଳିକା ଯାହାକୁ ଚାହିଁବ ଦୋଷୀ ସାବ୍ୟସ୍ତ ହେବା ପୂର୍ବରୁ ୩୦ ଦିନ ଜେଲରେ ରଖିବା କଷ୍ଟସାଧ୍ୟ ନୁହେଁ। ଫଳରେ ପ୍ରତିପକ୍ଷ ରାଜନେତାଙ୍କୁ ଜେଲରେ ପୂରାଇ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ପଦରୁ କେନ୍ଦ୍ର ଅତି ସହଜରେ ତଡି ପାରିବ । କାଳେ ବିଜେପିକୁ ଏହି ଆଇନ ସୁହାଇବା ଭଳି ଧାରଣା ସୃଷ୍ଟି ହେବ, ପ୍ରଧାନମନ୍ତ୍ରୀ ପଦବୀକୁ ମଧ୍ୟ ଏହି ଆଇନର ପରିସରଭୁକ୍ତ କରାଯାଇଛି। କିନ୍ତୁ ସିବିଆଇ ଓ ଇଡି ଭଳି କେନ୍ଦ୍ରୀୟ ସଂସ୍ଥା ବିଜେପି ଅମଳରେ ପ୍ରଧାନମନ୍ତ୍ରୀଙ୍କ ବଚ୍ସ୍କର ସାଜିଥିବାରୁ ତାଙ୍କୁ ଗିରଫ କରିବା ଏକରକମ ଅସମ୍ଭବ ଅଟେ । ଯଦି ବିଜେପିରେ ଯୋଗ ଦେଉଥିବା ବିପକ୍ଷ ନେତାଙ୍କୁ ମଧ୍ୟ ସରକାର ଗିରଫ କରି ଜେଲରେ ପୂରାଉଥାନ୍ତେ, ସାଧୁ ଉଦ୍ଦେଶ୍ୟରେ ଏହି ବିଲ ଅଣାଯାଇଛି ବୋଲି ପ୍ରମାଣ ହୋଇଥାନ୍ତା। କିନ୍ତୁ ଏହି ବିଲର ପ୍ରକୃତ ଉଦ୍ଦେଶ୍ୟ ହେଉଛି ସଂଘୀୟ ବ୍ୟବସ୍ଥାକୁ ନିପାତ କରି ପ୍ରଭୁତ୍ୱବାଦୀ ନବ୍ୟ ଫାସିବାଦାର ଉନ୍ନେଷ କରିବା । ମୂଳରୁ ହିଁ ଆରଏସଏସ ସଂଘୀୟ ବ୍ୟବସ୍ଥାକୁ ବିରୋଧ କରି ଆସିଥିବା ବେଳେ ବିଜେପି ରାଷ୍ଟ୍ରପତୀୟ ପ୍ରଧାନ ବ୍ୟବସ୍ଥା ସପକ୍ଷରେ ରହି ଆସିଛି । ଏହାକୁ କଂଗ୍ରେସ ଦଳ ନେତୃତ୍ୱରେ ମିଳିତ ବିରୋଧୀ ଦଳ ଦୃଢ ବିରୋଧ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । ସଭାପତିଙ୍କ ଅଭିଭାଷଣରେ ଶ୍ରୀ ଦାସ ଭାରତବର୍ଷର ସବୁ ତନ୍ତ୍ରକୁ କେନ୍ଦ୍ର ଅକ୍ତିଆର କରିବାକୁ ଚେଷ୍ଟା କରୁଛି ବୋଲି ଅଭିଯୋଗ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନାମରେ ସବୁ ଥାନାରେ ଏତଲା ଦେବା ପରି ଆଗକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଏହି କଳା ବିଧେୟକକୁ କଂଗ୍ରେସ ବିରୋଧ କରିବ ବୋଲି ସେ କହିଥିଲେ । ଏମିତିରେ ବିପକ୍ଷ ଦଳର ନେତାଙ୍କୁ ଗିରଫ କରିବାର ଯେଉଁ ମାନସିକତା ବିଜେପିର ରହିଛି ତାକୁ ଆୟୁଧ କରି ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତଡିବା ପାଇଁ ବାଟ ପରିଷ୍କାର କରାଯାଉଛି ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ । ଗାନ୍ଧୀ, ନେହେରୁ ଦେଶର ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିବାରୁ ଏବେ ସ୍କୁଲ ପାଠ୍ୟକ୍ରମରେ ଦେଶ ବିଭାଜନକୁ ଆଗକୁ ଆଣିବାକୁ ଚକ୍ରାନ୍ତ କରୁଛି ବୋଲି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମତ ପ୍ରକାଶ କରିଥିଲେ ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray